ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

PARYABEKHYAK ପର୍ଯବେକ୍ଷକ

Vol.27 . No.07 Bhubaneswar Friday February 09 2024 | ୨୭ତମ ବର୍ଷ ସଂଖ୍ୟା-୦୭ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୦୯, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ 1.5₹ (Air Surcharge - 0.50P) Member-INS

# ୬ ଦଫା ଦାବିରେ ଉତ୍କଳ ସାମ୍ବାଦିକ ସଂଘର ବିଧାନସଭା ଘେରାଉ



ଭୁବନେଶ୍ୱର,୮।୨(ପି.ଏନ): ୬ ଦଫା ଦାବି ନେଇ ଆଜି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକମାନେ ବିଧାନସଭା ଘେରାଉ କରିଛନ୍ତି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ କରାଯିବା, ମିଡିଆ ଏକାଡେମି ଗଠନ କରିବା, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଲୋକସେବା ଭବନ ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶାଧିକାର ଆଦି ଦାବି କରି ଏହି ଘେରାଉ କରାଯାଇଥିଲା ।ଆଜି ଲୋୟର୍ ପିଏମ୍ ?ଜିଠାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଅଧ୍ୟକ୍ଷତା କରିଥିଲେ। ଖୁବ୍ ?ଶୀଘ୍ର ଏହି ଦାବିଗୁଡ଼ିକ ପୂରଣ ନହେଲେ ୩୦ ଜିଲ୍ଲାର ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । ସଂଘର ଉପଦେଷ୍ଟା ପ୍ରଦୋଷ କୁମାର ପଟ୍ଟନାୟକ, ରବି ଦାସ, ସନତ ମିଶ୍ର, ଦୈନିକ ' ପର୍ଯ୍ୟବେକ୍ଷକ ' ଓ ' ଦ କଳିଙ୍ଗ କ୍ରନିକିଲ ' ମୁଖ୍ୟ ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ, ପୀତବାସ ମିଶ୍ର, ସୁଜ୍ଞାନ ଚୌଧୁରୀ, ଶ୍ରୀମୟ କର, ନିରଞ୍ଜନ ବିଶ୍ୱାଳ, ବିପିନ ସିଂ, କିଶୋର ଦ୍ୱିବେଦୀ, ବଙ୍କିମ ଚନ୍ଦ୍ର ନାୟକ, ପପୁ ମହାନ୍ତି, ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ ପଟ୍ଟନାୟକ, ହାରାଧନ ବାନାର୍ଜୀ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ପ୍ରଦୀପ ତ୍ରିପାଠୀ, ସତ୍ୟ ନାରାୟଣ ମିଶ୍ର, ରବି ନାରାୟଣ ଖିଲାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ବିକ୍ଷୋଭସ୍ଥଳକୁ ଆସି ସାମ୍ବାଦିକମାନ ?ଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ସେହିଭଳି ବିଧାୟିକା କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ନାଉରୀ ନାୟକ, ସୁବାସ ପାଣିଗ୍ରାହୀ ଓ ସଜ୍ଜନ ଶର୍ମା ପ୍ରମୁଖ ବିକ୍ଷୋଭସ୍ଥଳରେ ପହଞ୍ଚି ଏସବୁ ଦାବି ପ୍ରତି ସମର୍ଥନ ଜଣାଇଥିଲେ। ପୂର୍ବତନ ସାଂସଦ ତଥାଗତ ଶତପ ?ଥୀ ମଧ୍ୟ ଏହି ପ୍ରସଙ୍ଗରେ ସାମ୍ବାଦିକ ସଂଘ ସହିତ ଶେଷ ପର୍ଯ୍ୟନ୍ତ ରହିବେ ବୋଲି କହିଥିଲେ ।

## ୪ମାସ ପାଇଁ ୧.୧୮ଲକ୍ଷ କୋଟି ଟଙ୍କାର କାମଚଳା ବଜେଟ୍ , ବର୍ଷ ଶେଷକୁ ୧.୨୦ଲକ୍ଷ କୋଟି ଛୁଇଁବ ଋଣବୋଝ



ଭୁବନେଶ୍ୱର,୮।୨(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆସନ୍ତା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨.୫୫ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ତେବେ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ପ୍ରଥମ ୪ମାସ ପାଇଁ ଏଥିରୁ ୧.୧୮ଲକ୍ଷ କୋଟି ଟଙ୍କାର ଲେଖାନୁଦାନ(କାମଚଳା ବଜେଟ)କୁ ପାରିତ ନିମନ୍ତେ ଗୃହର ଅନୁମତି ଲୋଡିଛନ୍ତି। ନିର୍ବାଚନ ପୂର୍ବରୁ ନବୀନ ପଟ୍ଟନାୟକ ସରକାରର ପଂଚମ ପାଳିର ଏହା ଶେଷ ବଜେଟ୍ ହୋଇଥିବାବେଳେ ପଶ୍ଚିମଓଡିଶା ବିକାଶ ପରିଷଦ ପାଇଁ ବାର୍ଷିକ ଅନୁଦାନ ପରିମାଣକୁ ୫୦୦କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ୨୦୨୪-୨୫ରେ ରାଜ୍ୟର ଋଣବୋଝ ପରିମାଣ ମୋଟ ଜିଡିପି ତୁଳନାରେ ୧୨.୪%ରୁ ବୃଦ୍ଧି ପାଇଁ ୧୩.୧% ହେବ ଅର୍ଥାତ୍ ୨୦୨୫ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ଋଣବୋଝ ୧ଲକ୍ଷ ୨୦ହଜାର ୮୯୬କୋଟି ଟଙ୍କା ଛୁଇଁବ ବୋଲି ସରକାରଙ୍କ ପକ୍ଷରୁ ଆକଳନ କରାଯାଇଛି ।ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଜି ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ଆଗତ କରି କହିଥିଲେ ଯେ, ଓଡିଶା ହେଉଛି ୧୦୦ବିଲିୟନ ଡଲାରର ଅର୍ଥବ୍ୟବସ୍ଥା। ରାଜ୍ୟର ଅଭିବୃଦ୍ଧି ହାର ୭.୨୫% ହାରରେ ବୃଦ୍ଧି ହୋଇଛି ଯାହାକି ଜାତୀୟ ହାର ତୁଳନାରେ ୧ ପ୍ରତିଶତ ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ଓ ଜାତୀୟ ମୁଣ୍ଡପିଛା ଆୟ ମଧ୍ୟରେ ତାରତମ୍ୟ ୩୨%ରୁ ୧୩%କୁ ହ୍ରାସ ପାଇଛି। ୨୦୨୪-୨୫ର ପ୍ରାରମ୍ଭିକ ଆକଳନ ଅନୁସାରେ ଓଡିଶାର ଆର୍ଥିକ ଅଭିବୃଦ୍ଧି ହାର ୮.୫% ହାରରେ ହେବ। ସମ୍ବିଧାନର ଧାରା -୨୦୬ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷର ସମ୍ପୂର୍ଣ୍ଣ ଅନୁଦାନ ଦାବିଗୁଡିକର ବିସ୍ତୃତ ଆଲୋଚନା ପୂର୍ବରୁ ୪ମାସର ବ୍ୟୟବରାଦ ପାଇଁ ଲେଖାନୁଦାନ ବିଧାନସଭାର ଅନୁମୋଦନ ନିମିତ୍ତି ଆଗତ କରାଯାଉଛି। ଏହି ବିବରଣୀ ଏପ୍ରିଲ, ମେ', ଜୁନ୍ ଓ ଜୁଲାଇ ମାସ ପାଇଁ ସମ୍ଭାବ୍ୟ ବ୍ୟୟବରାଦକୁ ଦର୍ଶାଉଛି ଯାହାର ପରିମାଣ ୧.୧୮ଲକ୍ଷ କୋଟି ଟଙ୍କା। ଏହି ଲେଖାନୁଦାନରେ ପ୍ରାକୃତିକ ବିପର୍ଯ୍ୟୟ ଓ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚବାବଦକୁ ମୋଟ ବାର୍ଷିକ ବ୍ୟୟ ଅଟକଳର ୧୦୦ ପ୍ରତିଶତ, ପୁଞ୍ଜି ବ୍ୟୟ ପାଇଁ ୫୦ ପ୍ରତିଶତ ଓ ଅନ୍ୟାନ୍ୟ ଖର୍ଚ୍ଚବାବଦ ବ୍ୟୟ ଅଟକଳର ୪୦ ପ୍ରତିଶତ ଅନ୍ତର୍ଭୁକ୍ତ ଅଛି ।କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୧.୪୦ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୧୯୯୯-୨୦୦୦ ଆର୍ଥିକ ବର୍ଷର କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ ବଜେଟ ୩୪୯୦କୋଟି ଟଙ୍କା ଥିଲା, ଯାହା ୨୩ବର୍ଷ ମଧ୍ୟରେ ୪୦ଗୁଣ ବୃଦ୍ଧି ପାଇଛି। ୨୦୨୪-୨୫ ବଜେଟ ବ୍ୟୟବରାଦରେ ନିଜସ୍ୱ ରାଜସ୍ୱ ଓ ମୋଟ ଜିଡିପିର ଅନୁପାତ ୧୨.୨୫ ପ୍ରତିଶତ ରହିଛି। ଏହା ରାଜ୍ୟର ମୋଟ ନିଜସ୍ୱ ରାଜସ୍ୱର ପ୍ରାୟ ୫୬%। ଏହା ହିଁ ଆମର କେନ୍ଦ୍ରୀୟ ପାଣ୍ଠି ଉପରେ ନିର୍ଭରଶୀଳତା ହ୍ରାସ ପାଇଥିବାକୁ ଦର୍ଶାଉଛି ବୋଲି ଶ୍ରୀ ଆରୁଖ କହିଛନ୍ତି।

## ମଝି ରାସ୍ତାରେ ପିଟିଦେଲା କାର୍; ମାଆ ଓ ଝିଅଙ୍କ ମୃତ୍ୟୁ, ମେଡିକାଲ୍‌ରେ ଭାଉଜ

ଭୁବନେଶ୍ୱର,୮।୨(ପି.ଏନ): କୌଣସି କାମରେ ଭୁବନେଶ୍ୱର ଯାଉଥିଲେ ସଂଯୁକ୍ତା ପ୍ରଧାନ। ସାଙ୍ଗରେ ଥିଲେ ମାଆ ଓ ଭାଉଜ। ହେଲେ ବିଚ୍ ରାସ୍ତାରେ ପିଟିଦେଲା କାର୍। ମାଆ ଓ ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ମେଡିକାଲ୍ ବେଡ୍‌ରେ ଜୀବନ ସହ ସଂଘର୍ଷ କରୁଛନ୍ତି ଭାଉଜ। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡକ ଦୁର୍ଘଟଣା ଅନୁଗୋଳ ଜିଲ୍ଲାରେ ଘଟିଛି ।ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଭାବେ ଚାକିରି କରନ୍ତି ସଞ୍ଜୁକ୍ତା ପ୍ରଧାନ। ଆଜି ଅପରାହ୍ନରେ ସେ ତାଙ୍କ ମାଆ ଦୁର୍ଗାବତୀ ପ୍ରଧାନ ଓ ଭାଉଜଙ୍କ ସହିତ ଏକ କାରରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ତେବେ ଖଣ୍ଡହତା ନିକଟରେ ସମ୍ମୁଖରୁ ଆସୁଥିବା ଆଉ ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସଞ୍ଜୁକ୍ତା ପ୍ରଧାନ ବସିଥିବା କାରଟି ଓଲଟି ପଡିଥିଲା।




## ଚର୍ଚ୍ଚିତ ନିମାପଡ଼ା ନିର୍ବାଚନ ମଣ୍ଡଳୀ : ବିଜେଡ଼ି ଫୋକସରେ ନୂଆ ମୁହଁ

ଭୁବନେଶ୍ୱର,୮।୨(ପି. ଏନ୍):ପୁରୀ ଜିଲ୍ଲାର କାକଟପୁର, ବ୍ରହ୍ମଗିରି,ପୁରୀ ସଦର,ନିମାପଡ଼ା ଓ ସତ୍ୟବାଦୀ ପ୍ରଭୃତି ନିର୍ବାଚନମଣ୍ଡଳୀରେ ଏବେ ଶାସକ ବିଜେଡ଼ି ମଧ୍ୟରେ ଗୋଷ୍ଠି କନ୍ଦଳ ଦଳ ମୁଖିଆଙ୍କୁ ଚିନ୍ତାରେ ପକାଇଛି ।ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଦଳ ମଧ୍ୟରେ ଅନ୍ତଃ କନ୍ଦଳ ଏତେ ଉଗ୍ରରୂପ ଧାରଣ କରିଛି ଯେ ବିଜେଡିର ଗଡ଼ କୁହାଯାଉଥିବା ଉପକୂଳ ଗୁରୁତ୍ୱପୂର୍ଣ୍ଣ ପୁରୀ ଜିଲ୍ଲାରେ ପ୍ରତିପକ୍ଷ ବିଜେପି ଦଳ ଏଥିରୁ ଫାଇଦା ନେବା ଉଦ୍ଦେଶ୍ୟରେ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ୍ କରିବାରେ ଲାଗିଛି ।ଗୁଇନ୍ଦା ସୂଚନା ଆଧାର କରି ବିଜେଡ଼ି କର୍ତ୍ତୃପକ୍ଷ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ଦଳୀୟ ସଂଗଠନ ଓ ନେତାଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିଛନ୍ତି ।ସାଧାରଣ ଭୋଟରଙ୍କ ମଧ୍ୟରେ ଦଳର ବିଶ୍ୱସନୀୟତା ବଳବତ୍ତର ରଖିବା ପାଇଁ ଦଳ ନୂଆ ରୋଡ ମ୍ୟାପ ପ୍ରସ୍ତୁତ କରିଛି ।ନିର୍ବାଚନ ମଣ୍ଡଳୀରେ ବିବାଦୀୟ ନେତା , ଗତ ପଂଚାୟତ ନିର୍ବାଚନରେ ନେତାଙ୍କ ପ୍ରଦର୍ଶନ, ଲୋକଙ୍କ ମଧ୍ୟରେ ଗ୍ରହଣୀୟତା, ଗୋଷ୍ଠି କନ୍ଦଳ ପ୍ରଭୃତିକୁ ଦଳ ବିଚାରକୁ ନେବ। ଷଷ୍ଠ ଥର ପାଇଁ ଦଳ ଶାସନକୁ ଆସିବା ଲାଗି କଠୋର ନିଷ୍ପତି ନେବାକୁ ପଛାଇବ ନାହିଁ ।ଜିତିବାର ସମ୍ଭାବନା ଥିବା,ଗୋଷ୍ଠି କନ୍ଦଳରୁ ଉର୍ଦ୍ଧ୍ୱରେ ରହି ଦଳ ପାଇଁ କାମ କରୁଥିବା ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ସମ୍ପନ୍ନ ଯୁବ, ଶିକ୍ଷିତ ଏବଂ ଲୋକଙ୍କ ମଧ୍ୟରେ ଗ୍ରହଣୀୟ ଥିବା ନୂଆ ନେତୃତ୍ୱ ଉପରେ ଦଳ ପ୍ରାଧାନ୍ୟ ଦେଇ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଇବାକୁ ଚିଠା ପ୍ରସ୍ତୁତ କରିଛି ।ଏହି କ୍ରମରେ ନିମାପଡ଼ା - ଗୋପ ନିର୍ବାଚନ ମଣ୍ଡଳୀରେ ଆଗାମୀ ନିର୍ବାଚନ ପାଇଁ କିଏ ହେବ ପ୍ରାର୍ଥୀ ସେ ନେଇ ଭୋଟରଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇ ଯାଇଛି ।ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ବିଜେଡ଼ି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ବିବାଦୀୟ ହେବା ସମଗ୍ର ରାଜ୍ୟରେ ଦଳର ଭାବମୂର୍ତ୍ତିକୁ ନିମ୍ନଗାମୀ କରିଥିଲା ।ନିମାପଡ଼ା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ଗୋପ ବ୍ଲକର ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତ ସାହୁଙ୍କ ଅକାଳ ବିୟୋଗରେ ସମୀରଙ୍କ ଭୂମିକାକୁ ଗୋପ ଅଞ୍ଚଳବାସୀ ଗୁରୁତର ସହ ନେଇ ସେହି ଜିଲ୍ଲା ପରିଷଦ ଉପନିର୍ବାଚନରେ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ବିଜେପି ପ୍ରାର୍ଥୀଙ୍କୁ ଜିତାଇଛନ୍ତି ।ସେପଟେ,ନିକଟରେ ଜଣେ ମହିଳାଙ୍କ ସହ ବିଧାୟକ ସମୀରଙ୍କ ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହେବା ଘଟଣା ଲୋକଙ୍କ ନିକଟରେ ଦଳୀୟ ମୁଖିଆଙ୍କ ଇମେଜ ମଳିନ କରିଛି ।ତେଣୁ ଦଳ ନିମାପଡ଼ାରେ ସମୀରଙ୍କୁ ଆଉଥରେ ପ୍ରାର୍ଥୀ କରି ରିସ୍କ ନେବାକୁ ଚାହୁଁନି। ଏହା ମଧ୍ୟରେ ନିମାପଡ଼ାରେ ବିଜେଡିରୁ ଅନେକ ଆଶାୟୀ ପ୍ରାର୍ଥୀ ଉଭା ହୋଇଥିବା ବେଳେ ଉଚ୍ଚ ଶିକ୍ଷିତ ଶୃଙ୍ଖଳିତ ଯୁବ ସଂଗଠକ ତଥା ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଦଳୀୟ ସହପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇଙ୍କ ନାମ ଆଗରେ ଥିବା ଚର୍ଚ୍ଚା ହେଉଛି ।ବିଶେଷ ସୂତ୍ର ମିଳିଥିବା ସୂଚନା ଅନୁଯାୟୀ ସୁବ୍ରତଙ୍କୁ ଦଳ ପକ୍ଷରୁ ନିମାପଡ଼ାରେ ପ୍ରାର୍ଥୀ ହେବାପାଇଁ ସବୁଜ ସଙ୍କ ?ତ ମିଳି ସାରିଛି ।ଏବେ ସେ ନିମାପଡ଼ା - ଗୋପ ଅଞ୍ଚଳର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦଳୀୟ ସଂଗଠନକୁ ଏକ ନୂଆ ରୂପ ଦେବାରେ ଲାଗି ପଡିଛନ୍ତି । ସାଧାରଣରେ ତାଙ୍କର ଗ୍ରହଣୀୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।ନବୀନ ବାବୁଙ୍କ ଲୋକପ୍ରିୟତା ଓ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସହ ସୁବ୍ରତଙ୍କ ନିର୍ବିବାଦୀୟ ଭାବମୂର୍ତ୍ତି ଯୋଗୁଁ ସାମାଜିକ ସ୍ତରରେ ସବୁ ବର୍ଗର ଭୋଟରଙ୍କ ମଧ୍ୟରେ ତାଙ୍କର ଆଦୃତି ବଢୁଥିବା ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ହେଉଛି ।

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
Bhubaneswar Friday February 09, 2024 ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୦୯,୨୦୨୪ Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 www.paryabekhyak.com


# ସେନାବାହିନୀରେ ଠିକା ନିଯୁକ୍ତି ଦେଶର ଯୁବବର୍ଗଙ୍କ ପାଇଁ ଉପହାସ




ଭୁବନେଶ୍ୱର,(ପି.ଏନ): ଦେଶର ସୁରକ୍ଷା କେନ୍ଦ୍ରସରକାରଙ୍କ ଉତର ଦାୟିତ୍ୱ ହୋଇଥିଲାବେଳେ ଅଗ୍ନିପଥ ଯୋଜନାରେ ୪ ବର୍ଷ ପାଇଁ ଅଗ୍ନିବୀରଙ୍କୁ ନିଯୁକ୍ତି ଦେଇ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେବାକୁ ଅପଚେଷ୍ଟାକରୁଛନ୍ତି ବିଜେପି ସରକାର। ଦେଶର କୋଟିକୋଟି ଯୁବବର୍ଗଙ୍କୁ ଆଜି ନିରାଶ ଓ ପ୍ରତାରିତ ହେବାକୁ ପଡୁଛି। ତଥ୍ୟ ଅନୁସାରେ ୨୦୧୨ ମସିହାରେ ବେକାର ଯୁବକଯୁବତୀଙ୍କ ସଂଖ୍ୟା ୧ କୋଟି ଥିଲାବେଳେ ବର୍ତମାନ ତାହା ୪ କୋଟିରେ ପହଂଚିଛି। ଦେଶରେ ଜିଏସ୍‌ଟି ଓ ବିମୁଦ୍ରୀକରଣ ପରେ ୯୦ ପ୍ରତିଶତ ନିଯୁକ୍ତି ସୃଷ୍ଟି କରୁଥିବା ଏମ୍.ଏସ୍.ଏମ୍‌ଇସେକ୍ଟରସଂପୂର୍ଣ୍ଣଭାବେ ଦୁର୍ବଳହୋଇପଡ଼ିଛି ।ଏନ୍.ସିଆରବି ତଥ୍ୟ ଅନୁସାରେ ପ୍ରତିଘଂଟାରେ ରୋଜଗାର ନପାଇ ଦୁଇଜଣବେକାର ଆତ୍ମହତ୍ୟା କରୁଛନ୍ତି। ବେକାର ଯୁବପୀଢ଼ିଙ୍କହକକୁ ସୁନିଶ୍ଚିତ କରିବା ଓ ସେମାନଙ୍କୁ ନ୍ୟାୟ ଦେବା ପାଇଁରାହୁଲଗାନ୍ଧୀ 'ଜୟଜବାନ୍' ଅଭିଯାନ ଆରମ୍ଭ କରିଛନ୍ତି। ଯୁବ ନ୍ୟାୟ ପାଇଁ ଉଦ୍ଦିଷ୍ଟ 'ଜୟ ଜବାନ୍' ଅଭିଯାନ ସମଗ୍ର ଦେଶରେ ୩ଟି ଫେଜରେ କରାଯିବ।ସଂପର୍କ, ସତ୍ୟାଗ୍ରହ ଓ ନ୍ୟାୟଯାତ୍ରା (ପଦଯାତ୍ରା) ମାଧ୍ୟମରେ ଦେଶର ଯୁବକଙ୍କୁ ଯୋଡ଼ିବ ଏହି ଜୟଜବାନ ଅଭିଯାନ ବୋଲି ପୂର୍ବତନ ସାଂସଦ ତଥା ଏଆଇସିସିର ମୁଖପାତ୍ର ସଂଜୟ ନିରୁପମ କହିଛନ୍ତି।

।ଜିରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନିରୁପମ କହିଛନ୍ତି ଯେ କେନ୍ଦ୍ରସରକାର ସେନାବାହିନରେ ନିୟମିତ ନିଯୁକ୍ତି ପାଇଁ ଅପେକ୍ଷାରତ ଯୁବର୍ଗଙ୍କୁ ପ୍ରତାରିତ କରିଛନ୍ତି। ଅଗ୍ନିପଥ ଯୋଜନାରେ ନିଯୁକ୍ତି ପାଇଥିବା ଯୁବକ ନିୟମିତସେ ନାକର୍ମଚାରୀଙ୍କ ଭଳି ସୁବିଧାସୁଯୋଗରୁ ବଂଚିତ ହେଉଛନ୍ତି। ଦରମାହେଉବା ଅବସରକାଳୀନ ଭତାକିମ୍ବା ଦେହାନ୍ତ ପରେସହୀଦ ପରିବାରରମାନ୍ୟତାସେମାନଙ୍କୁ ଦିଆଯାଉନାହିଁ। ଏପରିସ୍ଥଳେ ଏହ ଯୋଜନାରେ ଚାକିରିକରିବା ପାଇଁ ଯୁବପୀଢ଼ିଙ୍କ ଭିତରେ ଆଗ୍ରହ ପରିଲକ୍ଷିତ ହେଉନାହିଁ। ଆରଟିଆଇ ତଥ୍ୟ ଅନୁସାରେ ୨୦୨୨-୨୩ ମସିହାରେ ୩୪ ଲକ୍ଷ ଯୁବକ ଏହିଚାକିରି ପାଇଁ ଆବେଦନ କରିଥିବାବେଳେ ୨୦୨୩-୨୪ ମସିହାରେଏହା ୧୦ ଲକ୍ଷରେ ପହଂଚିଛି। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି ଯେ ଯୁବପିଢ଼ିଙ୍କ ଭିତରେଏହି ଯୋଜନାରେ କାର୍ଯ୍ୟକରିବା ପାଇଁ ଆଗ୍ରହ କମିଛି ବୋଲି ଶ୍ରୀ ନିରୂପମ କହିଛନ୍ତି। ଅପରପକ୍ଷରେଉତର ପ୍ରଦେଶର କନଷ୍ଟେବଳ ନିଯୁକ୍ତି ପରୀକ୍ଷା ପାଇଁ ୫୦ ଲକ୍ଷ ଯୁବକ ଆବେଦନ କରିଥିବାବେଳେ ଅଗ୍ନିବୀର ୪ ବର୍ଷଆଚାକିରି ପାଇଁ ଯୁବପୀଢ଼ିଙ୍କ ଭିତରେ ଆଗ୍ରହ ନ ଥିବା ଦେଖାଯାଉଛି। ଅଗ୍ନିପଥ ଯୋଜନା ଆରମ୍ଭ ହେବା ପୂର୍ବରୁ ସେନାବାହିନୀରେ ନିଯୁକ୍ତି ପାଇଁଉଦ୍ଦିଷ୍ଟ ପରୀକ୍ଷାରେକୃତକାର୍ଯ୍ୟହୋଇ ନିଯୁକ୍ତି ବଂଚିତହୋଇଥିବା ଦେଢ଼ଲକ୍ଷ ଯୁବାଙ୍କୁଚାକିରି ଦେବା, ପୁରୁଣା ନିଯୁକ୍ତିବ୍ୟବସ୍ଥା ପୁନଃ ଲାଗିକରିବା ଆଦି ଦାବିରେ ଜାନୁୟାରୀ ୩୧ ତାରିଖରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁରହିଥିବା 'ଜୟଯବାନ' ଅଭିଯାନ ତମାମ ଦେଶରେ ଜୋରଦାର କରାଯିବ ବୋଲିସେକହିଥିଲେ।ଏହି ଅଭିଯାନରେ ୩୦ ଲକ୍ଷ ପରିବାରକୁଯୋଡ଼ିବା ପାଇଁଲକ୍ଷ୍ୟ ଧାର୍ଯ୍ୟକରାଯାଇଛି। ପ୍ରତିରକ୍ଷା ବିଭାଗ ସହିତସଂପୃକ୍ତ ପରିବାର ଓ ଏହି ବିଭାଗରେ ଚାକିରି ପାଇଁ ଆଶାୟୀ ଯୁବବର୍ଗଙ୍କୁ 'ଜୟଜବାନ' ଅଭିଯାନରେ ସାମିଲହେବାକୁ 'ନ୍ୟାୟପତ୍ର' (ଫର୍ମ ଓ ଲିଫଲେଟ) ପ୍ରଦାନ କରାଯିବ।ସେ ଆହୁରିକହିଥିଲେ ଯେ ସ୍ୱଳ୍ପକାଳୀନ ଠିକା ଅଗ୍ନିପଥ ଯୋଜନା ଆରମ୍ଭ କରି କେନ୍ଦ୍ରସରକାର ସମସ୍ତ ଯୋଗ୍ୟତା ଥିବା ଯୁବବର୍ଗଙ୍କଭବିଷ୍ୟତ ଅନ୍ଧାରକୁ ଠେଲିଦେଇଛି। ୯୭ ଟିକେନ୍ଦ୍ରରେ ଆୟୋଜିତ ନିଯୁକ୍ତି ପରୀକ୍ଷାରେ ୫୦ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କ ଠାରୁ ଫି' ବାବଦକୁ ଆଦାୟକରାଯାଇଥିବା ୧୦୦ କୋଟି ଟଙ୍କା ସରକାରଙ୍କ ତହସିଲରେ ପଡ଼ିରହିଛି ହେଲେ ସେମାନଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏପରିସ୍ଥଳେ ଦେଶରେ ଦେଖା ଦେଇଥିବା ଅନ୍ୟାୟ ବିରୁଦ୍ଧରେରାହୁଲଗାନ୍ଧୀଙ୍କ ନ୍ତଭାରତଯୋଡ଼ ନ୍ୟାୟ ଯାତ୍ରାନ୍ତରେ ଯୁବକ, ମହିଳା, ଦଳିତ, ଆଦିବାସୀ ଓ କୃଷକଏହି ୫ ଟିବର୍ଗଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଓ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଯୁବପିଢ଼ି ଆଗେଇ ଆସିବାଲାଗିଶ୍ରୀ ନିରୁପମ ନିବେଦନ କରିଛନ୍ତି।ଏହିସାମ୍ବାଦିକ ସମ୍ମିଳନୀରେ ବରିଷ୍ଠକଂଗ୍ରେସନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ପିସିସିମିଡ଼ିଆସଂପାଦକ ପ୍ରଶାନ୍ତ ଶତପଥି, ପୂର୍ବତନ ସାଂସଦ ଅନନ୍ତ ସେଠୀ, କଂଗ୍ରେସର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ମୁଖପାତ୍ର ମନୋରନ ଦାସଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ପ୍ରଥମଥର ପାଇଁ ଅତ୍ୟାଧୁନିକ ଇ.ଏଣ୍ଡ ଟି ଚିକିତ୍ସା ଏବଂ ଅସ୍ତ୍ରପ୍ରଚାର ସୁବିଧା ଯୋଗାଇବ କବଚ୍ ସେବା ସଦନ



ବ୍ରହ୍ମପୁର,ପି.ଏନ): ଦେଶର ଅନ୍ୟ ପ୍ରମୁଖ ସହର ଭଳି ଦକ୍ଷିଣ ଓଡିଶାର ପ୍ରମୁଖ ସହର ବ୍ରହ୍ମପୁରରେ ପ୍ରଥମଥର ପାଇଁ ଅତ୍ୟାଧୁନିକ ଇ.ଏଣ୍ଡ ଟି ଚିକିତ୍ସା ଏବଂ ଅସ୍ତ୍ରପ୍ରଚାର ସୁବିଧା ଯୋଗାଇବ କବଚ୍ ସେବା ସଦନ । ସେବା ସଦନର ଉଦଘାଟନ ଅବସରରେ ଗଣମାଧ୍ୟମ ସହିତ ଆଲୋଚନା ସମୟରେ ଏଭଳି ସୂଚନା ଦେଇଛନ୍ତି କବଚ୍ ସେବା ସଦନ ପରିଚାଳନା ନିର୍ଦ୍ଦ ?ଶକ ଡାକ୍ତର ପ୍ରିୟଜିତ ପାଣିଗ୍ରାହୀ । ପ୍ରଥମଥର ପାଇଁ ରେଶମ ସହରରେ ଏଭଳି ଇ.ଏଣ୍ଡ ଟି ହସପିଟାଲ ଯାହାକି ଅତ୍ୟାଧୁନିକ ସେବା ଯୋଗାଇଦେବା ସହିତ ଏଠାରେ ଖୁବଶୀଘ୍ର ଅତ୍ୟାଧୁନିକ ଅସ୍ତ୍ରପ୍ରଚାର ପାଇଁ ଆବଶ୍ୟକିୟ ଜ୍ଞାନ କୌଶଳ ଓ ମେଡିକାଲ ଉପଯୋଗୀ ଯନ୍ତ୍ରପାତି ବ୍ୟବହାର କରି ଏଠାରେ ଟନସିଲ୍ ଓପଟୋମି ଭଳି ଅସ୍ତ୍ରପ୍ରଚାରକୁ ଲେଜର ଓ କୋବଲାସନ୍ ମାଧ୍ୟମରେ କରାଯିବ ବୋଲି କୁହାଯାଇଛି । ଏପରିକି ଏଠାରେ ଶିଶୁ ମାନେ ଜନ୍ମ ପରେ ଯେଉଁ ଶ୍ରବଣ ଶକ୍ତି ହରାଇଥାନ୍ତି ତାହାକୁ ଯେପରି ଶିଶୁ ଜନ୍ମ ପରେ ତାଙ୍କ ଅଭିଭାବକ ମାନେ ଜାଣିପାରିବେ ଏ ନେଇ ଓ.ଏ.ଇ ଚିକିତ୍ସା ପଦ୍ଧତି ମାଧ୍ୟମରେ ଏଠାରେ ଉପଲବ୍ଧ କରାଯିବ ବୋଲି କହିଛନ୍ତି ଡାକ୍ତର ପାଣିଗ୍ରାହୀ । ଏପରିକି ଶିଶୁଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମାନେ ରାତ୍ର ସମୟରେ ଶୋଇବା ସମୟରେ ପାଟି ଖୋଲି ଶୋଇଥାନ୍ତି ଏବଂ ଘୁଙ୍ଘୁଡି ମାରିଥାନ୍ତି , ତାହାକୁ ନେଇ ମଧ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ଏଣ୍ଡୋସ୍କ ?ପି ମାଧ୍ୟମରେ ଚିକିତ୍ସା ବ୍ୟବସ୍ଥା ଇଭୋଲୋ ପଲାଟ ପ୍ଲାରିଙ୍ଗ୍ ପ୍ଲାଷ୍ଟିକ୍ ସର୍ଜରୀ ଯାହାକି ଲେଜର୍ ମାଧ୍ୟମରେ କରାଯିବ ବୋଲି କହିଛନ୍ତି । ଏହି ସଦନରେ ଇଏଣ୍ଡଟି ଚିକିତ୍ସା ସହିତ ଅନ୍ୟ ରୋଗର ଓପିଡି ବ୍ୟବସ୍ଥା ୟୁରୋଲୋଜି ,ନିରୋଲୋଜି , ନିରୋ ସର୍ଜରୀ , ମେଡିସନ୍ , ସାଧାରଣ ସର୍ଜରୀ ବିଭାଗ ସହିତ ସ୍ତ୍ରୀ ଓ ପ୍ରସୁତି ରୋଗ ଉପଲବ୍ଧ ରହିଥିବା କହିଛନ୍ତି । ମୁଖ୍ୟତଃ ଆମ ଦେଶରେ ୬ ରୁ ୧୦ ପ୍ରତିଶତ ଶିଶୁ ମାନେ ଜନ୍ମ ହେବା ପରେ ସେମାନଙ୍କ କାନ କୁ ଶ୍ରବଣ ଶକ୍ତି ନଥାଏ । ହେଲେ ତାହା ଜଣାପଡିନଥାଏ । ଯେତେବେଳେ ଶିଶୁଟି ବଡ ହୋଇଥାଏ ସେତେବେଳେ ପରିବାର ବର୍ଗ ଏହା ଚିକିତ୍ସକଙ୍କୁ ଅବଗତ କରାଇଥାନ୍ତି । ହେଲେ ଡାକ୍ତରଙ୍କୁ ଜଣାଇବା ସମୟରେ ତାହା ବହୁ ମାତ୍ରାରେ ବିଳମ୍ବ ହୋଇଯାଇଥାଏ । ଏଣୁ ଏହା ଯଥା ପୂର୍ବରୁ ଜାଣିପାରିଲେ ତାହାର ସଠିକ୍ ଉପଚାର ହୋଇପାରିବ ବୋଲି କହିଛନ୍ତି ବ୍ରହ୍ମପୁରର ଏହି ବରିଷ୍ଠ ଚିକିତ୍ସକ ।

# ଭଗବତୀ ବିଦ୍ୟାପୀଠରେ ପୁରାତନ ଛାତ୍ର ଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ



କାକଟପୁର,(ପି.ଏନ): କାକଟପୁର ବ୍ଲକ ବାଜପୁର ଭଗବତୀ ବିଦ୍ୟାଳୟ ର (୧୯୭୯) ମାଟ୍ରିକ ବ୍ୟାଚ୍ ର ଦ୍ୱିତୀୟ ବନ୍ଧୁ ମିଳନ ଉତ୍ସବ ମା ରାମଚଣ୍ଡୀ ଙ୍କ ପୀଠରେ ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ(ଶ୍ୟାମରାୟ ପାଟଣା) ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପ୍ରଥମେ ଦିବ୍ୟଂଗତ ଛାତ୍ର, ଛାତ୍ରୀ ମାନଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହ ତାଙ୍କର ଅମର ଆତ୍ମା ର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ସଭାପତି ସଂଗ୍ରାମ ସ୍ୱାଇଁ,, ଉପସଭାପତି ବିଚିତ୍ରାନନ୍ଦ ପୃଷ୍ଟି, ସମ୍ପାଦକ ରଣେଶ ଚନ୍ଦ୍ର ସାହୁ (ବାଜପୁର) ପ୍ରହଲ୍ଲାଦ, ପର୍ଶୁରାମ, ନୀରଦ, ବ୍ରହ୍ମା, ଈଶ୍ୱର, ପ୍ରଶାନ୍ତ, ଗଙ୍ଗାଧର, ଲକ୍ଷ୍ମୀଧର, ପ୍ରମୋଦ, ପଦ୍ମ , ଭିକାରୀ, ପୂର୍ଣ୍ଣ, ପାର୍ବତୀ, ନଳିନୀ, ବନଲକ୍ଷ୍ମୀ, ନର୍ମଦା, ମେନକା, ରମାମଣୀ, କାର୍ତ୍ତିକ, ପ୍ରଫୁଲ, ଅକ୍ଷୟ ପ୍ରମୁଖ ପଚାଶ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗଦେଇ ଉତ୍ସବକୁ ସଫଳ ରୂପାୟନ କରିବା ସହ ଆଗାମୀ ତୃତୀୟ ବାର୍ଷିକ ଉତ୍ସବ କୁ ସରସ ସୁନ୍ଦର କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

# ବ୍ରହ୍ମପୁରରେ ପ୍ରଥମଥର ପାଇଁ ଅତ୍ୟାଧୁନିକ ଇ.ଏଣ୍ଡ ଟି ଚିକିତ୍ସା ଏବଂ ଅସ୍ତ୍ରପ୍ରଚାର ସୁବିଧା ଯୋଗାଇବ କବଚ୍ ସେବା ସଦନ




ବ୍ରହ୍ମପୁର,(ପି.ଏନ): ଦେଶର ଅନ୍ୟ ପ୍ରମୁଖ ସହର ଭଳି ଦକ୍ଷିଣ ଓଡିଶାର ପ୍ରମୁଖ ସହର ବ୍ରହ୍ମପୁରରେ ପ୍ରଥମଥର ପାଇଁ ଅତ୍ୟାଧୁନିକ ଇ.ଏଣ୍ଡ ଟି ଚିକିତ୍ସା ଏବଂ ଅସ୍ତ୍ରପ୍ରଚାର ସୁବିଧା ଯୋଗାଇବ କବଚ୍ ସେବା ସଦନ। ସେବା ସଦନର ଉଦଘାଟନ ଅବସରରେ ଗଣମାଧ୍ୟମ ସହିତ ଆଲୋଚନା ସମୟରେ ଏଭଳି ସୂଚନା ଦେଇଛନ୍ତି କବଚ୍ ସେବା ସଦନ ପରିଚାଳନା ନିର୍ଦ୍ଦ ?ଶକ ଡାକ୍ତର ପ୍ରିୟଜିତ ପାଣିଗ୍ରାହୀ । ପ୍ରଥମଥର ପାଇଁ ରେଶମ ସହରରେ ଏଭଳି ଇ.ଏଣ୍ଡ ଟି ହସପିଟାଲ ଯାହାକି ଅତ୍ୟାଧୁନିକ ସେବା ଯୋଗାଇଦେବା ସହିତ ଏଠାରେ ଖୁବଶୀଘ୍ର ଅତ୍ୟାଧୁନିକ ଅସ୍ତ୍ରପ୍ରଚାର ପାଇଁ ଆବଶ୍ୟକିୟ ଜ୍ଞାନ କୌଶଳ ଓ ମେଡିକାଲ ଉପଯୋଗୀ ଯନ୍ତ୍ରପାତି ବ୍ୟବହାର କରି ଏଠାରେ ଟନସିଲ୍ ଓପଟୋମି ଭଳି ଅସ୍ତ୍ରପ୍ରଚାରକୁ ଲେଜର ଓ କୋବଲାସନ୍ ମାଧ୍ୟମରେ କରାଯିବ ବୋଲି କୁହାଯାଇଛି । ଏପରିକି ଏଠାରେ ଶିଶୁ ମାନେ ଜନ୍ମ ପରେ ଯେଉଁ ଶ୍ରବଣ ଶକ୍ତି ହରାଇଥାନ୍ତି ତାହାକୁ ଯେପରି ଶିଶୁ ଜନ୍ମ ପରେ ତାଙ୍କ ଅଭିଭାବକ ମାନେ ଜାଣିପାରିବେ ଏ ନେଇ ଓ.ଏ.ଇ ଚିକିତ୍ସା ପଦ୍ଧତି ମାଧ୍ୟମରେ ଏଠାରେ ଉପଲବ୍ଧ କରାଯିବ ବୋଲି କହିଛନ୍ତି ଡାକ୍ତର ପାଣିଗ୍ରାହୀ । ଏପରିକି ଶିଶୁଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମାନେ ରାତ୍ର ସମୟରେ ଶୋଇବା ସମୟରେ ପାଟି ଖୋଲି ଶୋଇଥାନ୍ତି ଏବଂ ଘୁଙ୍ଘୁଡି ମାରିଥାନ୍ତି , ତାହାକୁ ନେଇ ମଧ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ଏଣ୍ଡୋସ୍କୋପି ମାଧ୍ୟମରେ ଚିକିତ୍ସା ବ୍ୟବସ୍ଥା ଇଭୋଲୋ ପଲାଟ ପ୍ଲାରିଙ୍ଗ୍ ପ୍ଲାଷ୍ଟିକ୍ ସର୍ଜରୀ ଯାହାକି ଲେଜର୍ ମାଧ୍ୟମରେ କରାଯିବ ବୋଲି କହିଛନ୍ତି । ଏହି ସଦନରେ ଇଏଣ୍ଡଟି ଚିକିତ୍ସା ସହିତ ଅନ୍ୟ ରୋଗର ଓପିଡି ବ୍ୟବସ୍ଥା ୟୁରୋଲୋଜି ,ନିରୋଲୋଜି , ନିରୋ ସର୍ଜରୀ , ମେଡିସନ୍ , ସାଧାରଣ ସର୍ଜରୀ ବିଭାଗ ସହିତ ସ୍ତ୍ରୀ ଓ ପ୍ରସୁତି ରୋଗ ଉପଲବ୍ଧ ରହିଥିବା କହିଛନ୍ତି । ମୁଖ୍ୟତଃ ଆମ ଦେଶରେ ୬ ରୁ ୧୦ ପ୍ରତିଶତ ଶିଶୁ ମାନେ ଜନ୍ମ ହେବା ପରେ ସେମାନଙ୍କ କାନ କୁ ଶ୍ରବଣ ଶକ୍ତି ନଥାଏ । ହେଲେ ତାହା ଜଣାପଡିନଥାଏ । ଯେତେବେଳେ ଶିଶୁଟି ବଡ ହୋଇଥାଏ ସେତେବେଳେ ପରିବାର ବର୍ଗ ଏହା ଚିକିତ୍ସକଙ୍କୁ ଅବଗତ କରାଇଥାନ୍ତି । ହେଲେ ଡାକ୍ତରଙ୍କୁ ଜଣାଇବା ସମୟରେ ତାହା ବହୁ ମାତ୍ରାରେ ବିଳମ୍ବ ହୋଇଯାଇଥାଏ । ଏଣୁ ଏହା ଯଥା ପୂର୍ବରୁ ଜାଣିପାରିଲେ ତାହାର ସଠିକ୍ ଉପଚାର ହୋଇପାରିବ ବୋଲି କହିଛନ୍ତି ବ୍ରହ୍ମପୁରର ଏହି ବରିଷ୍ଠ ଚିକିତ୍ସକ ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray